## ସଂକ୍ଷେପରେ

### ୩୦ ବସ୍ତା ଧାନ ନଷ୍ଟ କଲା ଦନ୍ତା



ସଜନାଗଡ଼, ୪।୨(ଡି.ଏନ.ଏ.)- ନୀଳଗିରିରେ କିଛି ଦିନ ଧରି ୨ଟି ଦନ୍ତା ଆତଙ୍କ ଖେଳାଇ ଚାଲିଥିବା ବେଳେ ଅନେକଙ୍କ ଘର ମଧ ଭାଙ୍ଗିଛି। ଫଳରେ ବନାଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଗୁରୁବାର ମଧରାତ୍ରିରେ ସିଙ୍ଗିରି ଗ୍ରାମରେ ଧୀରେନ୍ଦ୍ର ବାରିକଙ୍କ ଘରେ ଥିବା ୩୦ବସ୍ତା ଧାନକୁ ଦନ୍ତା ନଷ୍ଟ କରିଛି। ଯେତିକି ଖାଇଛି, ତା'ଠୁ ଅଧିକ ନଷ୍ଟ କରିଛି। ନୀଳଗିରି ଅଞ୍ଚଳରେ ହାତୀଦାଉରୁ କ୍ଷୟକ୍ଷତି କମିବାରେ ନାଁ ନେଉନାହିଁ। ପରିବାର ଲୋକ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଧୀରେନ୍ଦ୍ର ଜଣେ ଗରିବ ଲୋକ ହୋଇଥିବାରୁ ତାର ବର୍ଷକର ଅମଳ ଧାନ ନଷ୍ଟ ହୋଇଯାଇଛି। ସେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ବନବିଭାଗ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

### ରାଇମଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରଘୁନାଥପୁର ଚାମ୍ପିୟନ



ବନ୍ତ,୪।୨(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକ କୋଳିପଦୀ ଧନିଓଝା ଗ୍ରାମରେ ଆୟୋଜିତ ୨୩ ତମ ମା' ରାଇମଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମନୋହରପୁର ଦଳକୁ ହରାଇ ରଘୁନାଥପୁର ଚାମ୍ପିୟନ ହୋଇଛି। ଅତିଥି ଭାବେ ବନ୍ତ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ମାନସୀରାଣୀ ରାଉତ ଚାମ୍ପିୟନ ଟିମ୍‌କୁ ଓ ସମିତିସଭ୍ୟ ପ୍ରାର୍ଥୀ ପରମେଶ୍ୱର ବାରିକ ରନର୍ସଅପ୍‌କୁ ପୁରସ୍କୃତ କରିଥିଲେ। ରଘୁନାଥପୁର ଦଳର ଅଶୋକ ଜେନାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

### ସାମାଜିକ କର୍ମୀ ବନୋଜ ମହାନ୍ତିଙ୍କ ପରଲୋକ

ସଜନାଗଡ଼, ୪।୨ (ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରି ଏନଏସି ଅଧୀନ ୧ନଂ. ୱାର୍ଡ କଦମସାହି ଗ୍ରାମର ଜଣାଶୁଣା, ପରୋପକାରୀ, ସାମାଜିକ କର୍ମୀ ତଥା ବିଭିନ୍ନ ରାଜନୈତିକ ଦଳର ସମ୍ପୃକ୍ତ ବନୋଜ କୁମାର ମହାନ୍ତି(୬୩)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ କିଛି ମାସ ଧରି ହୃଦ୍‌ରୋଗରେ ପୀଡିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ନେତା, ବନ୍ଧୁବର୍ଗ ଓ ସମ୍ପର୍କୀୟ ଶେଷଦର୍ଶନ କରିଥିଲେ। ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଏନଏସି ବିଜେଡି ସଭାପତି ରବୀନ୍ଦ୍ର ପରିଡ଼ା ପ୍ରମୁଖ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ମରଶରୀରକୁ ନୀଳଗିରି ସହରରେ ଶୋଭାଯାତ୍ରାରେ ନିଆଯାଇଥିଲା।

# ଆଡୁଆଳରେ ଚାଲିଛି ଖଣିଜ ଲୁଟ୍

**ଅଧିକାରୀଙ୍କ ବ୍ୟସ୍ତତା ମାଫିଆଙ୍କୁ ସୁହାଇଛି**

ଖଇରା, ୪।୨(ଡି.ଏନ.ଏ.)

ନିର୍ବାଚନରେ ରାଜସ୍ୱ ଅଧିକାରୀଙ୍କ ବ୍ୟସ୍ତତାର ସୁଯୋଗ ନେଇ ଏବେ ଖଣି ମାଫିଆମାନେ ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡରୁ ପଥର ଓ ମାଟି ପାହାଡ ପାହାଡ ସଂଲଗ୍ନ ସରକାରୀ ଜମିରୁ ମାଙ୍କଡା ଏବଂ ମୋରମ ଚୋରିକୁ ୧୦ଗୁଣ ବଢାଇ ଦେଇଛନ୍ତି। ସୋର-କୁପାରୀ ଏବଂ କୁପାରୀ-ରାଣୀତାଲ ରାସ୍ତାରେ ଧରପଗଡକୁ ଏଡାଇବାକୁ ବର୍ତ୍ତମାନ ଖଣି ମାଫିଆମାନେ କଦଳୀଗଡିଆ-କପ୍ତିପଦା ପାହାଡ ରାସ୍ତାରେ ମୟୂରଭଞ୍ଜ ସମେତ ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରୁଛନ୍ତି। ପ୍ରଶାସନ ନୀରବ ରହିଲେ ନିର୍ବାଚନ ସରିବା ପୂର୍ବରୁ ପାହାଡ ଶ୍ମଶାନ ଭୂଇଁରେ ପରିଣତ ହୋଇଯିବ ବୋଲି ପରିବେଶବିତ୍ ଓ ପ୍ରକୃତିପ୍ରେମୀମାନେ ପ୍ରକାଶ କରିଛନ୍ତି।

ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶନାମା ପରେ ଉକ୍ତ ପାହାଡରେ ପାଖାପାଖି ୯୭ଟି ଖଣିରେ ୧୪୪ ଧାରା ଲାଗୁ କରାଯାଇଛି। ଖାତାପତ୍ରରେ ବନ୍ଦ ଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଖଣି ଚୋରାରେ ଚାଲୁଛି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ସେପଟେ ଖଣି ନିଲାମ ପାଇଁ ୩ବର୍ଷ ତଳେ ଆବେଦନ କରିଥିବା ବ୍ୟକ୍ତିବିଶେଷଙ୍କର କୋଟି କୋଟି ସିକ୍ୟୁରିଟି ଟଙ୍କା ବାକି ପଡିଛି। ମାତ୍ର କେତେଜଣ ମୁଣ୍ଡଗଣତି ଖଣିମାଲିକ ଚୋରା କାରବାରରେ ଲିପ୍ତ ରହିବା ଯୋଗୁ ବାକି ଆବେଦନକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏବେ ବଗେଇପୁର ନିକଟରେ ପାହାଡତଳି ଗ୍ରାମ ନିକଟରେ ସ୍ଥାନେ ସ୍ଥାନେ ଚୋରାପଥର ଗଚ୍ଛିତ ରହିଛି। ଏଥିରେ ରାଜସ୍ୱ ଅଧିକାରୀଙ୍କ ନୀରବତା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ଜିଲାସ୍ତରରେ ଉପଜିଲାପାଳ ତଥା ଅନ୍ୟ ଅଧିକାରୀମାନେ ମଝିରେ ମଝିରେ କ୍ରଶରଗୁଡିକ ପରିଦର୍ଶନ କରି ଷ୍ଟକ୍ ଅନିୟମିତତା ଉପରେ ଜରିମାନା ଧାର୍ଯ୍ୟ କରୁଥିଲେ। ଏବେ ଦୀର୍ଘ ସମୟ ଧରି ସେମାନଙ୍କ ପାଦ ନ ପଡିବାରେ କ୍ରଶରମାଲିକମାନେ ପାହାଡରୁ ପଥର ଆଣି କ୍ରଶରରେ ଭାଙ୍ଗି ନିରବିଚ୍ଛିନ୍ନ ଭାବେ ବିକ୍ରି କରି ଚାଲିବା ପ୍ରଶାସନର ସ୍ଥାଣୁତାକୁ ପ୍ରମାଣିତ କରୁଛି। ପ୍ରଶାସନ ବାଲି ଗାଡି ଗୋଡାଇବାରେ ଯେତିକି ସମୟ ନଷ୍ଟ କରୁଛି ଯଦି ସେଥିରୁ କିଛି ସମୟ ବାହାର କରି ଖଣି ଚୋରଙ୍କୁ ଧରନ୍ତେ, ତେବେ ତେବେ କିଞ୍ଚିତ ପରିମାଣରେ ପାହାଡ ସୁରକ୍ଷିତ ରହିପାରନ୍ତା ବୋଲି ପାହାଡତଳ ଗ୍ରାମବାସୀ କହିଛନ୍ତି। ସେହିଭଳି ମାଙ୍କଡା ମୋରମ ଚୋରି ମଧ ବହୁ ମାତ୍ରାରେ ବଢିଯାଇଛି। ଏ ସମ୍ପର୍କରେ ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରାଙ୍କୁ ଯୋଗାଯୋଗ କରିବାରେ ଖୁବଶୀଘ୍ର ବଗେଇପୁର ଯାଇ ପାହାଡ ଚୋରିର ତଦାରଖ କରିବେ ବୋଲି କହିଛନ୍ତି।



ବଗେଇପୁର ଗ୍ରାମ ନିକଟରେ ଚୋରି ପଥର ଗଚ୍ଛିତ କରି ରଖାଯାଇଛି।

# ୬୦ ମିନିଟ୍‌ରେ କହିପାରୁଛନ୍ତି ୭ଶହ ଶ୍ଳୋକ

**ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୯ ବର୍ଷର ପରିରୂପା**



ମା' ବାପାଙ୍କ ସହ ପରିରୂପା ମହାନ୍ତ।

ଉଦଳା, ୪।୨ (ଡି.ଏନ.ଏ.)

ସଂସ୍କୃତ ଭାଷାରେ ଲେଖା ହୋଇଥିବା ଶ୍ରୀମଦ୍‌ଭଗବତ ଗୀତାର ୭ଶହ ଶ୍ଳୋକକୁ ୬୦ ମିନିଟ୍‌ରେ ଆବୃତ୍ତି କରିପାରୁଛନ୍ତି ୯ ବର୍ଷର କୁନିଝିଅ। ଏଥିପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସେ ହେଲେ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ବଳଭଦ୍ରପୁର ଗ୍ରାମର ତପନ ମହାନ୍ତ ଏବଂ ମମତା ମହାନ୍ତଙ୍କ ଏକମାତ୍ର ଝିଅ ପରିରୂପା। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବା ପରେ ତାଙ୍କୁ ମେଡାଲ, ସାର୍ଟିଫିକେଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ମିଳିଛି।

ଘରେ ପ୍ରତିଦିନ ମା' ଗୀତା ପଢୁଥିବା ଦେଖି ମାତ୍ର ୭ ବର୍ଷ ବୟସରେ ସେ ଗୀତା ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଗୀତାର ୧୮ ଅଧ୍ୟାୟର ଗୋଟିଏ ଗୋଟିଏ ଶ୍ଳୋକ ପଢ଼ିବା ସହ ତାହାକୁ ବୁଝିବା ଆରମ୍ଭ କରିଥିଲେ। ଧୀରେ ଧୀରେ ଗୀତାର ସମସ୍ତ ସଂସ୍କୃତ ଶ୍ଳୋକକୁ ଆବୃତ୍ତି କରିବାକୁ ଲାଗିଲେ। ମୁହଁ ଖୋଲିଲେ ବାହାରି ଚାଲିଲା ଅନର୍ଗଳ ଗୀତାର ଶ୍ଳୋକ। ଏପରିକି ଏହାକୁ ବିଶ୍ଳେଷଣ କରି ଓଡ଼ିଆରେ ଅନୁବାଦ କରି ବୁଝାଉଥିଲେ। ଆଉ ସେହି ଚେଷ୍ଟା ଏବଂ ଅଭ୍ୟାସ ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ଅନ୍‌ଲାଇନରେ ତାଙ୍କର ପ୍ରତିଭା ଦେଖି ବିଚାରକମାନେ ମନୋନୀତ କରିଥିଲେ। ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ପରିରୂପା ଏପରି ଏକ ବିରଳ ରେକର୍ଡ କରି ସ୍ଥାନୀୟ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। କେବଳ ସେତିକି ନୁହେଁ, ଗୀତା ପଢ଼ିବା ପରେ ସେ ଯଥାସମ୍ଭବ ସାଧାରଣ ଲୋକଙ୍କୁ ଏହାର ସାରମର୍ମ ବୁଝାଇ ବିପଥଗାମୀ ହେଉଥିବା ଯୁବପିଢ଼ିଙ୍କୁ ସୁପଥଗାମୀ କରାଇବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

# ଭାଜପା-ବିଜେଡି ଟକ୍କର

**ଶାମାଖୁଣ୍ଟା ବ୍ଲକ ୪୯ ଓ ୫୦ନଂ. ଜିଲାପରିଷଦ ଜୋନ୍**

ବାରିପଦା ଅଫିସ,୪।୨

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକର ୪୯ ଓ ୫୦ନଂ ଜିଲାପରିଷଦ ଜୋନରେ ପ୍ରଚାର ଜୋରଧରିଛି। ଉଭୟ ଆସନରେ ମୋଟ ୯ଜଣ ପ୍ରାର୍ଥୀ ରହିଥିବା ବେଳେ ମୁଖ୍ୟତଃ ଭାଜପା ଓ ବିଜେଡି ମଧରେ ଲଢ଼େଇ ହେବ ବୋଲି ଜଣାପଡ଼ିଛି। ୨୦୧୭ ନିର୍ବାଚନରେ ଉକ୍ତ ଦୁଇଟି ଆସନ ଭାଜପା ଅକ୍ତିଆର କରିଥିଲା। ଚଳିତ ବର୍ଷ ଫେବୃୟାରୀ ୧୬ରେ ଏଠାରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ବାଙ୍ଗିରିପୋଷି ବିଧାୟକ ତଥା ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ପାଇଁ ସମ୍ମାନର ବିଷୟ ପାଲଟିଛି। ଦୁଇ ଦଳରୁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ନେତୃତ୍ୱ ନେଉଥିବା ବରିଷ୍ଠ ନେତୃବୃନ୍ଦଙ୍କ ଗୋଟି ଚାଳନାରେ କିଏ ବାଜି ମାରିବ ତାହାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି।

ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଶାମାଖୁଣ୍ଟା ବ୍ଲକର ୧୪ଟି ପଞ୍ଚାୟତରେ ୫୯ହଜାର ୬୦୦ ଭୋଟର ରହିଛନ୍ତି। ଏହି ପଞ୍ଚାୟତଗୁଡ଼ିକରେ ସରପଞ୍ଚ ପାଇଁ ୮୯ଜଣ, ସମିତିସଭ୍ୟ ପାଇଁ ୭୭, ୱାର୍ଡସଭ୍ୟ ପାଇଁ ୩୭୩ଜଣ, ୪୯ନଂ. ଜୋନରେ ୫ଜଣ ଓ ୫୦ନଂ ଜୋନରେ ୪ଜଣ ଜିଲାପରିଷଦ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସମସ୍ତେ ସୋସିଆଲ ମିଡିଆ, ପୋଷ୍ଟର ବ୍ୟାନର ମାଧମରେ ପ୍ରଚାର ଆରମ୍ଭ କରିଥିବା ବେଳେ ଏବେ ଘରକୁ ଘୁର ବୁଲି ଭୋଟ ଭିକ୍ଷା କରୁଛନ୍ତି। ତେବେ ରାଜସ୍ୱମନ୍ତ୍ରୀଙ୍କ ବିଧାନସଭା ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ମନ୍ତ୍ରୀଙ୍କ ସମର୍ଥିତ ପ୍ରାର୍ଥୀମାନେ ଭୋଟରଙ୍କ ଅତି ନିକଟତର ହେଉଛନ୍ତି।

ଖାଣ୍ଡିଆ, ବାଲିଡିହା, କୁଚିଲାଘାଟି, ଭାଲକି, କଳାପଥର, ରଙ୍ଗାମାଟିଆ ଓ କେନ୍ଦୁଆକୁ ମିଶାଇ ୭ଟି ପଞ୍ଚାୟତକୁ ନେଇ ୪୯ନଂ. ଜିଲା ପରିଷଦ ଜୋନ ଗଠିତ। ଚଳିତ ଥର ଆସନଟି ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ରଙ୍ଗାମାଟିଆ କଲେଜର ପ୍ରତିଷ୍ଠାତା ମଧୁସୂଦନ ସିଂଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଭାଜପା ପକ୍ଷରୁ ସସ୍ମିତା ରାଣୀ ସିଂ, ଜେଏମ୍‌ଏମ୍ ପକ୍ଷରୁ ଦେବେନ୍ଦ୍ର ନାଥ ସିଂ, କଂଗ୍ରେସ ଦଳରୁ ଲାଲମୋହନ ସିଂଙ୍କୁ ଦଳୀୟ ଟିକଟ ମିଳିଛି। ମଙ୍ଗଳ ଚରଣ ସିଂ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି।

ସେହପରି ମହୁଲିଆ, ପାଇକବସା, ବାଉଁଶବିଲ୍ଲା, ଶାମାଖୁଣ୍ଟା, ଗୁଣ୍ଡିହୁଡ଼ି, ଶିରିଷବଣି ଓ ସିନ୍ଦୁରଗୌରା ପଞ୍ଚାୟତକୁ ନେଇ ୫୦ନଂ. ଜିଲା ପରିଷଦ ଜୋନଗଠିତ। ଏହି ଆସନଟି ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ବିଜେଡି ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ତଥା ପ୍ରାକ୍ତନ ଜିଲା ପରିଷଦ ସଦସ୍ୟା ଭାରତୀ ହାଁସଦା ଏଠାରେ ପ୍ରାର୍ଥୀ ହୋଇଛନ୍ତି। ଭାଜପା ପକ୍ଷରୁ ସୌଦାମିନୀ ସିଂ, କଂଗ୍ରେସ ପକ୍ଷରୁ ସରୋଜିନୀ ସିଂ ଓ ଜେଏମ୍‌ଏମ୍‌ରୁ ରଶ୍ମୀରେଖା ସିଂ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗତ ନିର୍ବାଚନରେ ଏହି ୨ଟି ଆସନ ଭାଜପା ଅକ୍ତିଆର କରିଥିବା ବେଳେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜେଡି ପ୍ରାର୍ଥୀମାନେ ରହିଥିଲେ। ଏହି ଦୁଇଟି ଆସନକୁ ଅକ୍ତିଆର କରିବା ପାଇଁ ଉଭୟ ଦଳ ବ୍ୟାପକ କୌଶଳ ଆପଣାଇଥିବା ବେଳେ ବିଜେଡି ଓ ରାଜସ୍ୱମନ୍ତ୍ରୀଙ୍କ ନିମନ୍ତେ ସମ୍ମାନଜନକ ପ୍ରଶ୍ନ ବୋଲି ସାଧାରଣରେ ଆଲୋଚନା ହେଉଛି।

# ୨ଶିଶୁଙ୍କ ମୃତଦେହକୁ ଝୁଣି ଖାଇଲେ କୁକୁର

ବାଲେଶ୍ୱର ଅଫିସ, ୪।୨

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପୂର୍ବପଟ କଲେଜ ରାସ୍ତାରେ ଶୁକ୍ରବାର ପଡି ରହିଥିବା ଦୁଇ ଶିଶୁଙ୍କ ମୃତଦେହକୁ କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଏହି ମୃତଦେହ ହସ୍ପିଟାଲ୍‌ରୁ ଆସିନାହିଁ ବୋଲି କହି ପଳାଇବାରୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟକୁ ଲାଗି ରହିଛି ସିଦ୍ଧି ବିନାୟକ ମନ୍ଦିର ଓ ଆଦ୍ୟାଶକ୍ତି ମନ୍ଦିର। ଏହାରି ପାଖଦେଇ ଯାଇଛି ସିନେମା ଛକରୁ କଲେଜ ଛକ ରାସ୍ତା। ହସ୍ପିଟାଲରେ ବର୍ଷା ଜଳ ନିଷ୍କାସନ ପାଇଁ ଉଚିତ୍ ବ୍ୟବସ୍ଥା ନ ଥିବାରୁ ଟିକିଏ ବର୍ଷାରେ ହସ୍ପିଟାଲର ଆବର୍ଜନା ପାଣି ଏହି ରାସ୍ତା ଉପରେ ଚାଲେ। ସମସ୍ତ ଆବର୍ଜନା ମଧ ରାସ୍ତା ଉପରେ ଆସି ପଡ଼େ। ଏ ସମ୍ପର୍କରେ ଅଞ୍ଚଳବାସୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳଙ୍କୁ ବହୁବାର ଅବଗତ କରିଥିଲେ ମଧ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଶୁକ୍ରବାର ଅଦିନିଆ ଅସରାଏ ବର୍ଷାରେ ହସ୍ପିଟାଲ ଭିତରୁ ପାଣି ରାସ୍ତା ଉପରକୁ ଆସିଥିଲା। ସେଥିରେ ଭାସି ଆସିଥିଲା ଦୁଇ ଶିଶୁଙ୍କ ମୃତଦେହ।

# 'କୃପାସିନ୍ଧୁ ଥିଲେ ସମସ୍ତଙ୍କ ପ୍ରେରଣା'



ସୁନ୍ଦରପୁରଠାରେ ଅନୁଷ୍ଠିତ ସ୍ମୃତିସଭା।

ଆରଡ଼ି,୪।୨(ଡି.ଏନ.ଏ.)

କୃପାସିନ୍ଧୁ ସମସ୍ତଙ୍କ ପାଇଁ ପ୍ରେରଣା ଥିଲେ। ସେ ଏକାଧାରରେ ଜଣେ ଶିକ୍ଷକ, ପ୍ରକୃତିପ୍ରେମୀ, ସାମାଜିକ କର୍ମୀ ଓ ପରୋପକାରୀ ଥିଲେ ବୋଲି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁରଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ କୃପାସିନ୍ଧୁ ନାୟକଙ୍କ ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ବାବାମଣି ଡିଗ୍ରୀ କଲେଜର ପୂର୍ବତନ ଅଧକ୍ଷ ନିକୁଞ୍ଜ କିଶୋର ଜେନା, ମିଛ କବିତା ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ରଇପୁର ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ରଭାନୁ ସାହୁ, ନାରୀକବି ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ, ଧାମନଗର ଆଇଟିଆଇ କଲେଜ ଅଧକ୍ଷ ମନୋଜ ନାୟକ, ଶିକ୍ଷାବିତ୍ ଧର୍ମାନନ୍ଦ ନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ବିଶ୍ୱାଳ, କହ୍ନେଇ ଚରଣ ବିଳାସ, ରକ୍ଷାକର ବାରିକ, ଭାଗୀରଥି ନାୟକ, କୁଶଭଦ୍ର ସେଠୀ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

**ପୂର୍ବତନ ଖଣି ଲିଜ୍‌ଧାରୀଙ୍କ ଅକ୍ତିଆରରେ ଥିଲା ମୂଲ୍ୟବାନ ଜମି**

ଯୋଡା,୪।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରର ମୁଖ୍ୟ ପେଣ୍ଠସ୍ଥଳୀ କୁହାଯାଉଥିବା ଆଜାଦବସ୍ତି ନିକଟ ଲକ୍ଷ୍ମୀପଡ଼ିଆଠାରେ ଜବରଦଖଲରେ ଥିବା ମୂଲ୍ୟବାନ ସରକାରୀ ଜମିକୁ ଶୁକ୍ରବାର ପ୍ରଶାସନ ଉଚ୍ଛେଦ କରି ନିଜ ଅକ୍ତିଆରକୁ ନେଇଛି। ପୂର୍ବତନ ଅଣଓଡ଼ିଆ ଖଣି ଲିଜଧାରୀ ଆର.ପି.ସାଓଙ୍କ କବ୍‌ଜାରେ ଏହି ଜମିର ବର୍ତ୍ତମାନ ମୂଲ୍ୟ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ହେବ।

ଯୋଡ଼ା ରାଜସ୍ୱ ନିରୀକ୍ଷକ ଅବନୀ କୁମାର ମହାନ୍ତଙ୍କ ସୂଚନା ଅନୁଯାୟୀ, ବନେଇକଳା ମୌଜା ଖାତା ନଂ.୨୨୬, ପ୍ଲଟନଂ. ୨୮୨ର ପ୍ରାୟ ୫୦ ଡେସିମିଲ ଜମିକୁ ପୂର୍ବତନ ଖଣି ଲିଜଧାରୀ ସାଓ ଦୀର୍ଘବର୍ଷ ଧରି ବ୍ୟବହାର କରି ଆସୁଥିଲେ। କିଛିଦିନ ତଳେ ଉକ୍ତ ଜମିରେ ସେ ଦୁଇଟି ନୂତନ ଗୃହ ସହିତ ପାଚେରି ନିର୍ମାଣ କରିବାରୁ ଏହା ଲୋକଲୋଚନକୁ ଆସିଥିଲା। ପରେ ପୌର ପରିଷଦ ପକ୍ଷରୁ ଉକ୍ତ ଜାଗା ଛାଡ଼ି ଦେବା ପାଇଁ ତାଙ୍କୁ ନୋଟିସ ଜାରି କରାଯାଇଥିଲା। ତେବେ ଶୁକ୍ରବାର ପ୍ରଶାସନ ପକ୍ଷରୁ ବଡ଼ବିଲ ଅତିରିକ୍ତ ତହସିଲଦାର ସୀତାରାମ ହେମ୍ବ୍ରମଙ୍କ ଉପସ୍ଥିତିରେ ଯୋଡ଼ା ରାଜସ୍ୱ ନିରୀକ୍ଷକ ମହାନ୍ତ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ ଓ ପୋଲିସ ଫୋର୍ସ ଉପସ୍ଥିତିରେ ମେଶିନ ଲଗାଇ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଆସନ୍ତା ଶନିବାର ଉକ୍ତ ଜମିକୁ ପୌରପାଳିକା ପକ୍ଷରୁ ତାରବାଡ଼ ଘେରାଯାଇ ନିଜ ଅକ୍ତିଆରକୁ ନିଆଯିବ ବୋଲି ସୂଚନା ମିଳିଛି।

# କବିବର ସ୍ମୃତି ପରିଷଦ ପ୍ରତିଭା ସମ୍ମାନ

ସୋର, ୪।୨(ଡି.ଏନ.ଏ.)

କବିବର ରାଧାନାଥ ରାୟଙ୍କ ଜନ୍ମପୀଠ ସୋର କେଦାରପୁର ଗ୍ରାମରେ କବିବର ସ୍ମୃତି ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ଲକ୍ଷ୍ମଣ ନାୟକଙ୍କ ପୌରୋହିତ୍ୟରେ କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ଆୟୋଜିତ ହୋଇଛି। ସଭା ଆରମ୍ଭରେ ଗାନ୍ଧିଜୀ ଓ କବିବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଭାରତ ଗୀତିକା ଗାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଖଗେନ କୁମାର ମହାନ୍ତି, ଅନ୍ୟତମ ଅତିଥି ଭାବେ ଶୁଭେନ୍ଦୁ କୁମାର ରାୟ ଓ ମନୀନ୍ଦ୍ର ଦୀକ୍ଷିତ ପ୍ରମୁଖ ଯୋଗଦେଇ ରାଧାନାଥଙ୍କ ମାଟିରେ ଯୋଗ୍ୟ ଦାୟଦ ସାରସ୍ୱତ ସାଧକଙ୍କ ଏକ ସ୍ୱତନ୍ତ୍ର ପରିଚୟ ଅଛି ବୋଲି କହିଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ ସ୍ଥାନୀୟ ଅଞ୍ଚଳର ଯୁବ ସାରସ୍ୱତ ସ୍ରଷ୍ଟା ଦେବବ୍ରତ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ଉପସଭାପତି ଅନିରୁଦ୍ଧ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗଙ୍ଗାଧର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱନାଥ ଘୋଷ, ଶଙ୍କର୍ଷଣ ନାୟକ, ଶଙ୍କର୍ଷଣ ବାରିକ, କାର୍ତ୍ତିକ ସିଂ, ବିଶ୍ୱମ୍ଭର ଆଚାର୍ଯ୍ୟ ଓ ପ୍ରଦୀପ କୁମାର ରାୟ ପ୍ରମୁଖ ପରିଚାଳନା କରିଥିଲେ।

# ପରିଚୟ ହରାଇଲାଣି କୃଷ୍ଣସାଗର

କୁଆମରା,୪।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଆମରା-ଚିଲିମା ଗ୍ରାମର ମଧ୍ୟସ୍ଥଳୀରେ ରାଜ ରାଜୁଡ଼ା ଅମଳରୁ ୪ ଏକର ବିଶିଷ୍ଟ କୃଷ୍ଣ ସାଗର ନାମରେ ଏକ ଜଳାଶୟ ରହିଛି। ଏହାର ଗଭୀର ପ୍ରାୟ ୨୦ ଫୁଟରୁ ଅଧିକ ହେବ। ଏହି ଜଳାଶୟରେ ଗ୍ରାମବାସୀ ସ୍ନାନାଦି କର୍ମ ଓ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ପୂଜା ପାଠ କରି ପୂଜା ମଣ୍ଡପକୁ ଜଳ ନେଇଥାନ୍ତି। କୃଷ୍ଣ ସାଗର ନାମରେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ମାତ୍ର ପ୍ରଶାସନ, ପଞ୍ଚାୟତର ଅଣଦେଖା ଓ ଅବହେଳାରୁ ଏହାର ପୁନରୁଦ୍ଧାର ହୋଇ ନ ପାରି କ୍ରମଶଃ ପୋତି ହୋଇ ପଡ଼ିଲାଣି। ଅନାବନା ଦଳ ଓ ପଙ୍କ ଉଦ୍ଧାର ହୋଇ ପାରୁ ନାହିଁ। ଫଳରେ ଏହା ପରିଚୟ ହରାଇବାକୁ ବସିଲାଣି।

କୁଆମରା, ଚିଲିମା ଓ ଆଗରପଡ଼ା ଗ୍ରାମର ଲୋକେ ବିଶେଷ କରି ଏହି ପୋଖରୀ ଉପରେ ନିର୍ଭର କରନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଗଙ୍ଗା ନଦୀର ଜଳକୁ ସ୍ୱଚ୍ଛ କରିବା ପାଇଁ ସରକାରଙ୍କ ପକ୍ଷରୁ ୨୦୧୭ରୁ ପ୍ରୟାସ ଜାରି ରହିଛି। ମାତ୍ର ସ୍ୱତନ୍ତ୍ର ପରିଚୟ ରଖିଥିବା ଏହି କୃଷ୍ଣ ସାଗରର ପାଣି ଏବେ ଜହର ପାଲଟିଲାଣି। ଜଳାଶୟ ଆବର୍ଜନା କୁଣ୍ଡ ପାଲଟିବା ଯୋଗୁ ଏଥିରେ ସ୍ନାନ କଲେ ବିଭିନ୍ନ ଚର୍ମରୋଗରେ ଶିକାର ହେଉଛନ୍ତି ଲୋକେ। ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିବା ଯୋଗୁ ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ଜଳାଶୟଟି ଗ୍ରାମର ଶେଷ ମୁଣ୍ଡରେ ରହିଛି। ଏହା ନିକଟରେ ୩ ଖଣ୍ଡ ଗ୍ରାମର ୫ ହେକ୍ଟର ଚାଷ ଜମି ରହିଛି। ଲୋକେ ଖରିଫ ଓ ରବି ଚାଷ ପାଇଁ ଏହି ଜଳାଶୟର ପାଣିକୁ ବ୍ୟବହାର କରିଥାନ୍ତି। ମାତ୍ର ବର୍ଷକୁ ବର୍ଷ ଏହା ପୋତି ହୋଇ ପଡ଼ିବା ଯୋଗୁ ପୂର୍ବାପେକ୍ଷା ଜଳାଶୟରେ ପାଣି ସଂରକ୍ଷଣ କମି କମି ଯାଉଛି। ଅଧିକ ଜଳ ସଂରକ୍ଷଣ ନ ହୋଇ ପାରିବା ଯୋଗୁ କମ୍ ବୃଷ୍ଟିପାତ ସମୟରେ ଏହା ଚାଷୀଙ୍କ କାମରେ ଆଉ ଲାଗି ପାରୁନାହିଁ। ଅନ୍ୟପକ୍ଷରେ ଦଳ ଭର୍ତ୍ତି ହୋଇ ରହିବା ଯୋଗୁ ଗାଧୋଇବା ସହ କ୍ରିୟାକର୍ମ ବି ହୋଇପାରୁ ନାହିଁ। ମାଛ ଚାଷରେ ମଧ କ୍ଷତି ଘଟୁଛି। ତେବେ ଏହାର ପୁନରୁଦ୍ଧାର ହେଲେ ଶ୍ରମିକମାନେ କାମ ପାଇବା ସହ କୃଷକ ଓ ମାଛ ଚାଷୀ ଉପକୃତ ହୋଇ ପାରନ୍ତେ ବୋଲି ଗ୍ରାମବାସୀମାନେ କୁହନ୍ତି।



କୃଷ୍ଣସାଗର ଜଳାଶୟ।

# ମଣ୍ଡିରେ ଭିଜିଲା ଧାନ

- ଗୋଦାମ ବ୍ୟବସ୍ଥା ନାହିଁ
- ଦାଉ ସାଧିଲା ଅଦିନିଆ ବର୍ଷା
- ନିରାଶ ହେଲେ ଚାଷୀ

କେନ୍ଦୁଝର, ୪।୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଚାଷୀଙ୍କଠାରୁ ଧାନ କିଣା ଚାଲିଛି। ଚାଷୀମାନେ ଧାନ ଓ ଟୋକନ ଧରି ମଣ୍ଡି ଆଗରେ ଅପେକ୍ଷା କରି ରହିଛନ୍ତି। ହେଲେ ଅନେକ ମଣ୍ଡିରେ ଧାନ ରଖିବା ପାଇଁ ଗୋଦାମ ବ୍ୟବସ୍ଥା ନାହିଁ କିମ୍ୱା ଚାଷୀଙ୍କ ଲାଗି ବିଶ୍ରାମ ବ୍ୟବସ୍ଥା ନାହିଁ। ଫଳରେ ଚାଷୀମାନଙ୍କୁ ଶୀତ କାକର ଓ ଖରାରେ ମଣ୍ଡି ଆଗରେ ବସି ରହିବାକୁ ପଡୁଛି। ଏଭଳି ସ୍ଥିତିରେ ଅଦିନିଆ ବର୍ଷା ଦାଉ ସାଧୁଛି। ବର୍ଷା ପୂର୍ବାନୁମାନ ଯୋଗୁ ଅନେକ ତାରପୋଲିନ ବ୍ୟବସ୍ଥା କରି ଧାନ ଘୋଡ଼ାଇ ରଖିଛନ୍ତି। ଶୁକ୍ରବାର ଜିଲାରେ ପ୍ରବଳ ବର୍ଷା ଯୋଗୁ ଅନେକ ସ୍ଥାନରେ ଧାନ ଭିଜି ଯାଇଥିବା ଦେଖିବାକୁ ମିଳିଛି। ସେହିପରି ବର୍ଷା ଯୋଗୁ ଧାନର ଆର୍ଦ୍ରତା ବଢ଼ି ମାନ କମିଯିବା ଆଶଙ୍କାରେ ଠିକ୍ ମୂଲ୍ୟ ପାଇବେ କି ନାହିଁ ଭାବି ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି।

ଅନ୍ୟପକ୍ଷେ କେତେକ ମଣ୍ଡିରେ ଧାନ କ୍ରୟ ନେଇ ବ୍ୟାପକ ଅବ୍ୟବସ୍ଥା ଅଭିଯୋଗ କରି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀମାନେ ଧାନ ବିକିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ ହେଁ ସେମାନଙ୍କୁ ମିଳିବାକୁ ଥିବା ସମସ୍ତ ବ୍ୟବସ୍ଥା କରାଯାଉ ନ ଥିବା ସଦର ବିଧାୟକ ମୋହନ ମାଝି କହିଛନ୍ତି। ଅନେକ ସମୟରେ ଦିନ ଦିନ ଧରି ଖର୍ଚ୍ଚାନ୍ତ ହୋଇ ଧାନ ବିକିବା ପାଇଁ ଅପେକ୍ଷା କରିବାକୁ ପଡୁଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରି ରାସ୍ତାରୋକୋ, ଘେରାଉ ଆଦି ଆନ୍ଦୋଳନ କରୁଛନ୍ତି। ବିଶେଷକରି ଚାଷୀମାନଙ୍କ ପାଇଁ ମଣ୍ଡିରେ ବ୍ୟବସ୍ଥା, ଉଚିତ୍ ମୂଲ୍ୟ ଏବଂ ଠିକ୍ ସମୟରେ ଧାନ କିଣା ଯାଉ ନ ଥିବା ନେଇ ଅଭିଯୋଗ ହେଉଥିଲେ ହେଁ ଠିକ୍ ତଦାରଖ ହେଉ ନ ଥିବାରୁ ଅସନ୍ତୋଷ କୁହୁଳୁଛି। ପ୍ରକାଶ ଯେ, ଜିଲାରେ ୧୪.୮୯ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଅଦ୍ୟାବଧି ୧୧ ଲକ୍ଷ କୁଇଣ୍ଟାଲ କିଣା ସରିଛି। ସେହିପରି ପ୍ରାୟ ୫୨ ହଜାର ଚାଷୀଙ୍କୁ ଟୋକନ ଦିଆଯାଇଥିବା ଜଣାପଡ଼ିଛି। ଜିଲାରେ ୫୪ ପ୍ୟାକ୍ସ ସମେତ ସମୁଦାୟ ୮୯ ମଣ୍ଡିରେ ଧାନ କିଣାଯାଉଥିବା ବେଳେ ମାର୍ଚ୍ଚ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରହିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ହାଡ଼ିବନ୍ଧୁ ସେଠୀଙ୍କୁ ପଚାରିବାରୁ ଚାଷୀଙ୍କଠାରୁ ଧାନ କିଣା ସୁରୁଖୁରୁରେ ଚାଲିଛି। ବର୍ଷା ପାଇଁ ତାର୍ପୋଲିନ ଘୋଡ଼ାଇ ରଖାଯାଇଥିବା କହିଛନ୍ତି।



ମଣ୍ଡିରେ ଥିବା ଧାନକୁ ପାଲ ଘୋଡ଼ାଇ ରଖାଯାଇଛି।

## ସଂକ୍ଷେପରେ

### ଚୋରା କାଠ ବୋଝେଇ ଗାଡ଼ି ଜବତ



ଉଦଳା,୪।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ବନ ବିଭାଗ ଏକ ଚୋରା କାଠ ବୋଝେଇ ଗାଡି ଜବତ କରିଛି। ଗୁରୁବାର ଭୋର ସମୟରେ କୁଆମରା ଫାଣ୍ଡି ଅଧୀନ କୁଆମରା-ଚିଲିମା ରାସ୍ତାରେ ମୂଲ୍ୟବାନ ଶାଗୁଆନ କାଠ ଚୋରା ଚାଲାଣ ହେଉଥିବା ଖବର ମିଳିଥିଲା। ଚଢ଼ାଉ ବେଳେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ଡ୍ରାଇଭର ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ। ବନ ବିଭାଗ କେବଳ କାଠ ବୋଝେଇ ଗାଡ଼ିକୁ ଜବତ କରିବାରେ ସକ୍ଷମ ହୋଇଥିଲା। ଜବତ କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

### ଟ୍ରକ୍ ଚାଳକ ଗିରଫ
#### ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟଣା

ପାଟଣା,୪।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ନଂ.ଜାତୀୟ ରାଜପଥର ଡୁମୁରିଗୋଡ଼ା ନିକଟରେ ଗତ ମଙ୍ଗଳବାର ସନ୍ଧ୍ୟାରେ ଏକ ପିଆଜ ବୋଝେଇ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ତୁରୁମୁଙ୍ଗା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚାଳକ ଜଣକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମେଦିନପୁର ଅଞ୍ଚଳର ଅନରଜିତ ସାହା। ସୂଚନା ଅନୁଯାୟୀ, ବାରିଆ ଥାନା ବଡ଼ପଶି ଗ୍ରାମର ସିଦ୍ଧାର୍ଥ ମହାକୁଡ଼ ଓ ଗୁଲୁ ନାଏକ ଏକ ବାଇକ୍‌ରେ ଯାଉଥିବା ବେଳେ ଉକ୍ତ ଟ୍ରକ୍ ଧକ୍କା ଦେବାରୁ ଉଭୟଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୨୦/୨୨) ରୁଜୁ ହୋଇଥିବା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି।

### ପାଇଖାନା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ

ବାସୁଦେବପୁର, ୪।୨ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିରସ ସମେତ ବିଭିନ୍ନ ପଞ୍ଚାୟତରେ ହୋଇଥିବା ପାଇଖାନା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଶୁକ୍ରବାର ଆରମ୍ଭ ହୋଇଛି। ବିରସ ପଞ୍ଚାୟତରେ ପାଇଖାନା ନିର୍ମାଣରେ ଚଞ୍ଚକତା ସମ୍ପର୍କରେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ସହ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ବ୍ଲକ ପରିସରରେ ପହଞ୍ଚି ପାଇଖାନା ନିର୍ମାଣ ସମ୍ପର୍କିତ ବିଭିନ୍ନ ଫାଇଲ ଓ ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ କରିଛି। ଏ ସମ୍ପର୍କରେ ବିଡିଓ ସତ୍ୟଜିତ ରାଉତଙ୍କୁ ପଚାରିବାରୁ ଅଭିଯୋଗ ଅନୁଯାୟୀ ଭିଜିଲାନ୍ସ ଏହି ଦୁର୍ନୀତିର ତଦନ୍ତ ଆରମ୍ଭ କରିଥିବା କହିଛନ୍ତି।

### ସ୍ୱାସ୍ଥ୍ୟକର୍ମୀ ସମ୍ବର୍ଦ୍ଧିତ

ବୈଶିଙ୍ଗା,୪।୨(ଡି.ଏନ.ଏ.)- ପୁରୁଷ ବନ୍ଧ୍ୟାକରଣ କାର୍ଯ୍ୟକ୍ରମରେ ସଫଳତା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପିଙ୍ଗୁାବଣିଆ ଡାକ୍ତରଖାନାର ୩ ସ୍ୱାସ୍ଥ୍ୟ କର୍ମୀ ସମ୍ବର୍ଦ୍ଧିତ ହୋଇଛନ୍ତି। ସେମାନେ ହେଲେ ବିପିନ କୁମାର ପଣ୍ଡା,ବୈକୁଣ୍ଠ ବାରିକ ଓ ଅମୂଲ୍ୟ ଚନ୍ଦ୍ର ସାହୁ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସିପୁନ କୁମାର ପଣ୍ଡା ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଜାନୁଆରୀରେ ବୈଶିଙ୍ଗା ଡାକ୍ତରଖାନରେ ୧୦ ଓ ପିଙ୍ଗୁାବଣିଆ ଡାକ୍ତରଖାନାରେ ୧୪ଜଣ ପୁରୁଷଙ୍କୁ ବନ୍ଧ୍ୟାକରଣ କରାଯାଇଥିଲା।

### ନବରାତ୍ର ନାମ ମହାଯଜ୍ଞ

ବାସୁଦେବପୁର,୪।୨(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ବଂଶୀପାଟଣା ଗ୍ରାମରେ କଳ୍ପତରୁ ସେବା ଶିକ୍ଷାଶ୍ରମ ନବରାତ୍ର ନାମ ମହାଯଜ୍ଞ ପାଇଁ ଉତ୍ସବମୁଖର ହୋଇଛି। ବାସୁଦେବପୁର ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଏହି ଅଖଣ୍ଡ ନାମ ସଂକୀର୍ତ୍ତନରେ ସାମିଲ ହୋଇଛନ୍ତି। କୋଭିଡ୍ ନିୟମ ଅନୁଯାୟୀ ଭିଡ଼ କମାଇବା ଲକ୍ଷ୍ୟରେ ଆଖପାଖ ଗାଁରେ ପୃଥକ୍ ଭାବେ ଗ୍ରାମଦେବତୀ ପୀଠରେ ଏହି ନାମଯଜ୍ଞକୁ ସମ୍ପ୍ରସାରିତ କରାଯାଇଛି। ଦେଉଳି, ଉଛଡିହା, ଭୈରବପୁର, ବଳିବିନ୍ଧା, ରାଧାବଲ୍ଲଭପୁର ସମେତ ଆଖପାଖ ଗାଁରେ ଥିବା ଶକ୍ତିପୀଠରେ ନାମଯଜ୍ଞ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇ ନାମ ସଂକୀର୍ତ୍ତନ ଜାରି ରହିଛି। ଶ୍ରୀପଞ୍ଚମୀ ଦିନ ଏହା ଉଦ୍‌ଯାପିତ ହେବ।

# ନିର୍ବାଚନ ଖର୍ଚ୍ଚ ପରିଚାଳନା ପ୍ରଶିକ୍ଷଣ

ଭଦ୍ରକ ଅଫିସ, ୪।୨




ବୈଠକରେ ଉପସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ବେହେରା ଓ ଅନ୍ୟମାନେ।

ପଞ୍ଚାୟତ ନିର୍ବାଚନ ଉପଲକ୍ଷେ ଭଦ୍ରକ ପଞ୍ଚାୟତ ସମିତି ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କ ଦ୍ୱାରା ନିର୍ବାଚନ ଖର୍ଚ୍ଚ ପରିଚାଳନା ନେଇ ପର୍ଯ୍ୟବେକ୍ଷକଙ୍କୁ ନେଇ ପ୍ରଶିକ୍ଷଣ ମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଜିଲା ସଂସ୍କୃତି ଭବନରେ ଆୟୋଜିତ ଏହି ବୈଠକରେ ଭଦ୍ରକ ଜିଲା ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରମେଶ କୁମାର ପାତ୍ର ପ୍ରାର୍ଥୀମାନଙ୍କ ଉଦ୍ଦେଶ୍ୟରେ ଖର୍ଚ୍ଚ ସୀମା ସହ ତା'ର ପରିଚାଳନା ସମ୍ପର୍କରେ ବୁଝାଇଥିଲେ।

ନିର୍ବାଚନ ଖର୍ଚ୍ଚ ହିସାବ ରଖିବା ପାଇଁ ଉପସ୍ଥିତ ସମସ୍ତ ପ୍ରାର୍ଥୀଙ୍କୁ ୫୪ ପୃଷ୍ଠାର ଏକ ରେଜିଷ୍ଟର ସହ ଖର୍ଚ୍ଚ ହିସାବ ବିବରଣୀ ସମ୍ବନ୍ଧୀୟ ଫର୍ମ ଯୋଗାଇ ଦିଆଯାଇଥିଲା। ପ୍ରାର୍ଥିପତ୍ର ଦାଖଲ ପାଇଁ ଆଫିଡେଭିଟ୍, ଅମାନତ ଜମା ଖର୍ଚ୍ଚଠାରୁ ଆରମ୍ଭ କରି ୯ ପ୍ରକାର ଖର୍ଚ୍ଚ ସମ୍ବନ୍ଧରେ ପର୍ଯ୍ୟବେକ୍ଷକ ବୁଝାଇଥିଲେ। କୋଭିଡ୍ କଟକଣା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା କେବଳ ସଭା ସମିତି ବାବଦ ବ୍ୟୟ ବ୍ୟତୀତ ଅନ୍ୟ ସମସ୍ତ, ପୁସିଂକାର୍ଡ, ବିଜ୍ଞାପନ ଆଦି ମୁଦ୍ରଣ ଜନିତ, ବ୍ୟାନର ହୋଡିଂ ଆଦି ଇସ୍ତାହାର ଜନିତ, ପ୍ରଚାର ପାଇଁ ବ୍ୟବହୃତ ଗାଡ଼ିର ଭଡ଼ା ଓ ଇନ୍ଧନ ବାବଦ, ପ୍ରଚାର କାର୍ଯ୍ୟ ପାଇଁ ଖାଦ୍ୟପେୟ ବାବଦ ଖର୍ଚ୍ଚ ହିସାବକୁ ରେଜିଷ୍ଟରରେ କିଭଳି ଉଲ୍ଲେଖ କରାଯିବ ଦର୍ଶାଇଥିଲେ। ପ୍ରଚାରରେ ବ୍ୟବହୃତ ହେବାକୁ ଥିବା ଡାକବାଜି ଯନ୍ତ୍ର ପାଇଁ ଉପଜିଲାପାଳଙ୍କଠାରୁ ଲିଖିତ ଅନୁମତିପତ୍ର ଆଣିବା, ଯାନବାହନ କାଗଜପତ୍ରର ନକଲ ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିବା ଆଦି ବିଷୟରେ ମଧ୍ୟ କୁହାଯାଇଥିଲା। ନିର୍ବାଚନୀ ଖର୍ଚ୍ଚ ଓ ପ୍ରଚାର କାର୍ଯ୍ୟରେ ବ୍ୟବହୃତ ଗାଡ଼ି ସଂଖ୍ୟା ଉଦ୍ଦିଷ୍ଟ ସୀମା ଭିତରେ ରହିବାକୁ ପର୍ଯ୍ୟବେକ୍ଷକ ସମସ୍ତ ପ୍ରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ।

# ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ

**ରାଇରଙ୍ଗପୁର ପୌର ପରିଷଦ**

ରାଇରଙ୍ଗପୁର,୪।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୌର ପରିଷଦ ନିର୍ବାଚନ ଲାଗି ଚୂଡ଼ାନ୍ତ ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏହି ପୌର ପରିଷଦ ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରଖାଯାଇଛି। ମୋଟ ୧୫ ୱାର୍ଡ ମଧ୍ୟରୁ ୧, ୨, ୩, ୧୦, ୧୨ ଏବଂ ୧୫ ନଂ. ୱାର୍ଡ ଅଣ ସଂରକ୍ଷିତ ରଖାଯାଇଛି। ୪ ଏବଂ ୫ ନଂ. ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଅନୁସୂଚିତ ଜାତି ମହିଳାଙ୍କ ସକାଶେ ୧୪ ନଂ. ୱାର୍ଡ ରଖାଯାଇଥିବାବେଳେ ଅନୁସୂଚିତ ଜନଜାତି ସକାଶେ ୯ନମ୍ବର ୱାର୍ଡ ରହିଛି । ମହିଳାମାନଙ୍କ ପାଇଁ ୱାର୍ଡନଂ. ୬, ୭,୮.୧୩ ଓ ୧୫ ରଖାଯାଇଛି। ଏହି ପୌର ପରିଷଦରେ ବିଭିନ୍ନ ବର୍ଗର ମହିଳାମାନଙ୍କୁ ଗୁରୁତ୍ୱ ଦିଆଯାଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

# ବିକାଶ ଚିତ୍ର ବଖାଣି ଭୋଟ ନିବେଦନ



କୁପାରୀ ଜୋନ୍‌ରେ ପ୍ରଚାର ଅବସରରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ।

ଖଇରା, ୪।୨(ଡି.ଏନ.ଏ.)

ଶୁକ୍ରବାର ଦିନତମାମ ବର୍ଷା ସତ୍ତ୍ୱେ ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କୁପାରୀ ୩ନଂ. ଜୋନରେ ପ୍ରଚାର କାର୍ଯ୍ୟ ଶେଷ କରିଛନ୍ତି। ଜିଲା ପରିଷଦ ପ୍ରାର୍ଥୀ ଜୟନ୍ତ କୁମାର ରାଉତଙ୍କ ସହ କୁପାରୀ, ହରିପୁର, ବାଉଁଶଗଡିଆ ଓ କଇଥଗଡିଆ ଆଦି ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲି ପଥପ୍ରାନ୍ତ ସଭାରେ ବିକାଶର ଚିତ୍ର ବଖାଣି ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଛନ୍ତି । କୁପାରୀ ପର୍ଯ୍ୟଟନ କ୍ଷେତ୍ର ଅଧୀନ ବୌଦ୍ଧକୀର୍ତ୍ତି ଓ ଶୂନ୍ୟମଣ୍ଡପର ପୁନରୁଦ୍ଧାର ସାଙ୍ଗକୁ ଗମନାଗମନର ସୁବିଧା ପାଇଁ ଗଡପୋଖରୀ, ଦୋମୁହାଁଣି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ, ପାହାଡିଆ ଅଞ୍ଚଳରେ ଜଳସଙ୍କଟ ଦୂର ପାଇଁ ବାଉଁଶଗଡିଆଠାରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, କବର ଓ ଗଗୁଆ ସେବାଶ୍ରମ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମେତ ଅନ୍ୟାନ୍ୟ କାମଗୁଡିକ ଉପରେ ସମ୍ୟକ ବକ୍ତବ୍ୟ ରଖି ଏଗୁଡିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ତାଙ୍କ ଦଳର ପ୍ରାର୍ଥୀମାନଙ୍କୁ ସୁଯୋଗ ଦେବାକୁ ଅନୁରୋଧ କରିଥିଲେ ।

# ପ୍ରଚାର ବେଳେ ବିଧାୟକଙ୍କୁ ବିରୋଧ

ବାସୁଦେବପୁର, ୪।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ପଞ୍ଚାୟତ ନିର୍ବାଚନ ପ୍ରଚାର ଉଷ୍ମତା ଆରମ୍ଭ ହୋଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଦଳୀୟ ପ୍ରାର୍ଥୀ ଓ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ଶୁକ୍ରବାର ପ୍ରଚାର କରିବାକୁ ବିଦେଇପୁର ପଞ୍ଚାୟତକୁ ଯାଇଥିବା ବେଳେ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିଦେଇପୁର ପଞ୍ଚାୟତରେ ଦଳୀୟ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ଚୟନ ବେଳେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଗୋଟିଏ ଗୋଷ୍ଠୀରୁ ଦଳୀୟ ସମର୍ଥିତ ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ନିରାଶ ହୋଇ ମଧ୍ୟ ସ୍ୱାଧୀନ ଭାବେ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀ ହୋଇଛନ୍ତି। ଦୁଇ ଗୋଷ୍ଠୀ ମଧ୍ୟରେ ନିର୍ବାଚନ ପ୍ରଚାରକୁ ନେଇ ଛକାପଞ୍ଝା ଚାଲିଛି। ବିଧାୟକ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାରକୁ ଯାଇଥିବା ବେଳେ ବିଦେଇପୁରର ବିଭିନ୍ନ ୱାର୍ଡରେ ବିରୋଧ କରାଯାଇଛି। ଦଳର ଗୋଟିଏ ଗୋଷ୍ଠୀ ଓ ଅନ୍ୟ ରାଜନୈତିକ ଦଳର କେତେକ ସମର୍ଥକ ତାଙ୍କୁ ବିରୋଧ କରିଥିଲେ। ଫଳରେ ବିଧାୟକଙ୍କ ପ୍ରଚାରରେ ବାଧା ଉପୁଜିଥିଲା। କେତେଜଣ ବ୍ୟକ୍ତି ବିଦେଇପୁର ରାସ୍ତାରେ ବସି ରହି ବିରୋଧ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ କଂଷିଆ ସାମୁଦ୍ରିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ବିଧାୟକ ସେଠାରୁ ଫେରିଥିଲେ। ଏ ସମ୍ପର୍କରେ ବିଧାୟକ ରାଉତରାୟଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ପ୍ରାର୍ଥୀଙ୍କୁ ଜିତାଇବା ନେଇ ରଣନୀତି

ବନ୍ତ,୪।୨ (ଡି.ଏନ.ଏ.)

ଭଦ୍ରକ ଜିଲା ୧୬ନଂ. ଜୋନ୍ ଅଧୀନ ତଥା ବନ୍ତ ବ୍ଲକ କେନ୍ଦୁଆପଦାଠାରେ ବିଜେଡି ପକ୍ଷରୁ ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେଡି ସମ୍ପାଦକ ଇଂ.ପ୍ରୟାସକାନ୍ତି ସାମଲ ଯୋଗଦେଇ ପଞ୍ଚାୟତ ନିର୍ବାଚନରେ କିପରି ଦଳୀୟ ସମର୍ଥିତ ସମସ୍ତ ପ୍ରାର୍ଥୀଙ୍କୁ ଜିତା ଯାଇପାରିବ ସେନେଇ ରଣନୀତି ପ୍ରସ୍ତୁତ କରିଥିଲେ। ୧୬ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ମୁନି ମୁଣ୍ଡା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଦାସ, ହୃଷୀକେଶ ପାତ୍ର, ନିର୍ବାଚନମଣ୍ଡଳୀ ଯୁବ ସଭାପତି ବିପିନ ନାୟକ, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ବ୍ଲକ ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କା, ଯୁବନେତା ପ୍ରଦୀପ୍ତ ସାମଲଙ୍କ ସମେତ ତୋଡ଼ଗାଁ, କେନ୍ଦୁଆପଦା, ଗୋବିନ୍ଦପୁର, ସେଣ୍ଟତୀରା, ନିଳୋକ, ପଧାନପଡ଼ା, ରାମପୁର, ରାମକୃଷ୍ଣପୁର ପଞ୍ଚାୟତର ଦଳୀୟ ସମର୍ଥିତ ସମସ୍ତ ପ୍ରାର୍ଥୀ ବୈଠକରେ ଉପସ୍ଥିତ ଥିଲେ।

# ବିକାଶ ଯୋଜନା ବିଷୟରେ ବୁଝାଇଲେ

ପଦ୍ମପୁର, ୪।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରରେ ପଞ୍ଚାୟତ ନିର୍ବାଚନ ପାଇଁ ଆରମ୍ଭ ହୋଇଛି ଜୋରଦାର ପ୍ରଚାର। ଦଳୀୟ ସମର୍ଥିତ ପ୍ରାର୍ଥୀମାନଙ୍କୁ ଭୋଟ୍ ପାଇଁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଏଡ଼ତାଳ, ଲୁଙ୍ଗା, ବିଦେଇପୁର ଓ ଗୋପବନ୍ଧୁନଗର ପଞ୍ଚାୟତରେ ସେ ପ୍ରଚାର ଆରମ୍ଭ କରିଛନ୍ତି। ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାର ବାର୍ତ୍ତା ଦେଇ ଦଳୀୟ ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀମାନଙ୍କୁ ଭୋଟ୍ ପାଇଁ ଘର ଘର ବୁଲି ନିବେଦନ କରିଛନ୍ତି। ୧୮ ନଂ. ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀ ଜୟକୃଷ୍ଣ ନାୟକ, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ନଗର ସଭାପତି ମାନସ ରଞ୍ଜନ ସାହୁ, ଛାତ୍ରନେତା କାଳନ୍ଦୀ ସାହୁ, ଦେବଦର୍ଶନ ଦାସ, ସରପଞ୍ଚ ପ୍ରାର୍ଥୀ ହରେକୃଷ୍ଣ ସେଠୀ, ଲଳିତା ମଲିକ, ମାନସୀ ଜେନା, ଜୟଶ୍ରୀ ପଲେଇ, ସମିତିସଭ୍ୟ ବିମଳ କିଶୋର ପଲେଇ, ଶରତ ମଲିକ, ଜିଲା ପରିଷଦ ସଭ୍ୟ ମାନସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଲୁଙ୍ଗାଠାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରଚାର କରୁଛନ୍ତି।

# ନିର୍ବାଚନ ଖର୍ଚ୍ଚ ସମ୍ପର୍କିତ ବୈଠକ

ବନ୍ତ, ୪।୨(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ନିର୍ବାଚନ ଖର୍ଚ୍ଚ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶୁଭଦର୍ଶନ ମିଶ୍ର, ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ପାତ୍ର, ସଂଯୋଜନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଘୋଷ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜମାଦାର ମୁଣ୍ଡା ଯୋଗ ଦେଇଥିଲେ। ନିର୍ବାଚନରେ କେତେ ଟଙ୍କା ଖର୍ଚ୍ଚ କରାଯାଇ ପାରିବ ଏବଂ ସମସ୍ତ ଖର୍ଚ୍ଚକୁ କିପରି ରେଜିଷ୍ଟରରେ ଉଲ୍ଲେଖ କରାଯିବ ସେ ସମ୍ପର୍କରେ ଉପସ୍ଥିତ ସମସ୍ତ ପ୍ରାର୍ଥୀଙ୍କୁ ଅବଗତ କରାଇଥିଲେ। ୨୫ ପଞ୍ଚାୟତର ସମସ୍ତ ପ୍ରାର୍ଥୀ ବୈଠକରେ ଯୋଗ ଦେଇଥିଲେ।

# ତୋଫାନି ପ୍ରଚାରରେ ବିଜେଡି-ଭାଜପା ପ୍ରାର୍ଥୀ



୧୫ ନଂ. ଜୋନ୍‌ରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର।

ଚମ୍ପୁଆ,୪।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଛି। ୧୫ ନଂ. ଜୋନ୍‌ରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ବିଜେଡିର ଜିଲା ପରିଷଦ ପ୍ରାର୍ଥୀ ଚମ୍ପୁଆ ବ୍ଲକ ଚେୟାରମ୍ୟାନ ଥିବା ରମଣୀ ନାଏକ ପ୍ରଚାର ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଭାଜପା ପ୍ରାର୍ଥୀ ହେମଲତା ଦେହୁରୀ ମଧ୍ୟ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ବିଜେଡିର ବରିଷ୍ଠ ନେତା ଗିରିଜା ଶଙ୍କର ସାହୁ ପ୍ରଚାର ମଙ୍ଗ ସମ୍ଭାଳି ଥିବାବେଳେ ଭାଜପାର ହେଭିୱେଟ ନେତା ଶ୍ରୀମନ୍ତ ତ୍ରିପାଠୀ ମଇଦାନକୁ ଓହ୍ଲାଇ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ପ୍ରଚାର ଆରମ୍ଭ କରିଦେଇଛନ୍ତି। ଉଭୟ ପ୍ରାର୍ଥୀ ଘର ଘର ବୁଲି ଭୋଟରଙ୍କୁ ଭେଟୁଥିବା ବେଳେ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ କର୍ମୀମାନଙ୍କୁ ଡକାଇ ବିଚାର ବିମର୍ଶ ସହ ରଣନୀତି ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି।

# ପ୍ରଚାର ପୂର୍ବରୁ ପୂଜାର୍ଚ୍ଚନା କଲେ କଂଗ୍ରେସ ପ୍ରାର୍ଥୀ

ପାଟଣା,୪।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ୨୨ନଂ. ଜିଲା ପରିଷଦ ଜୋନର କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାଏକ ପ୍ରଚାର ଆରମ୍ଭ କରିଛନ୍ତି। ଟାଙ୍ଗରପଡ଼ା ପଞ୍ଚାୟତ ଗାଲଫୁଲା ବଡ଼ାମଶାଳରୁ ପୂଜାର୍ଚ୍ଚନା କରି ସେ ପ୍ରଚାରରେ ବାହାରିଥିଲେ। ଗାଲଫୁଲା, ଝାଲିଆପଡ଼ା, ମୂଷାପଡ଼ା ଆଦି ଗ୍ରାମରେ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ପୂର୍ବତନ ପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ସାମାଜିକ ଗଣମାଧ୍ୟମ ରାଜ୍ୟ ଉପସଭାପତି ଇଂ. ବିନୋଦ ବିହାରୀ ନାଏକ, ଜିଲା କଂଗ୍ରେସ ଉପସଭାପତି କୈଳାସ ଚନ୍ଦ୍ର ବାରିକ, ବ୍ଲକ ସଭାପତି ଶତ୍ରୁଘନ ସିଂ,କଂଗ୍ରେସ ନେତା ଇନ୍ଦ୍ରମଣି ନାଏକ ପ୍ରମୁଖ ତାଙ୍କ ସହିତ ପ୍ରଚାରରେ ସାମିଲ ହୋଇଥିଲେ।

# ପ୍ରାର୍ଥୀଙ୍କ ପାଇଁ କଂଗ୍ରେସର ଭୋଟ ଭିକ୍ଷା

କେନ୍ଦୁଝର, ୪।୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀ ଅଧୀନ ୨୧ ନଂ. ଜୋନ୍‌ରେ କଂଗ୍ରେସ ପକ୍ଷରୁ ପ୍ରଚାର ଜୋରଦାର ହୋଇଛି। ଦଳୀୟ ଜିଲା ପରିଷଦ ପ୍ରାର୍ଥୀ ଦାମୋଦର ନାଏକଙ୍କ ପାଇଁ ଦଳ ପକ୍ଷରୁ ଶୁକ୍ରବାର କଣ୍ଟିଆପଡ଼ା ପଞ୍ଚାୟତ ଶାଳରୁ ପୂଜାର୍ଚ୍ଚନା ପରେ ପ୍ରଚାର ଆରମ୍ଭ କରାଯାଇଛି। ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଘର ଘର ବୁଲି ଭୋଟରଙ୍କୁ ଭେଟି ଭୋଟ୍ ଭିକ୍ଷା କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ସଂଗ୍ରାମ ଦାସ ଓ ରାଜ୍ୟ କଂଗ୍ରେସର ଉପସଭାପତି ସାମାଜିକ ଗଣମାଧ୍ୟମ ଇଂ. ବିନୋଦ ବିହାରୀ ନାଏକ ଯୋଗଦେଇ ପ୍ରଚାରର ଶୁଭାରମ୍ଭ କରିଥିଲେ। ପାଟଣା ମାଟିର ସ୍ୱାଭିମାନ ଓ ବିକାଶ ପାଇଁ ଏଥର କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବାକୁ ଭୋଟରଙ୍କୁ ଅନୁରୋଧ କରିଥିଲେ। ଜିଲା କଂଗ୍ରେସ ଉପସଭାପତି କୈଳାସ ଚନ୍ଦ୍ର ବାରିକ, ପାଟଣା ବ୍ଲକ ସଭାପତି ଶତ୍ରୁଘନ ସିଂ, କଂଗ୍ରେସ ନେତା ରଥ ଚନ୍ଦ୍ର ନାଏକ, ତ୍ରିଲୋଚନ ନାଏକ, ଶରତ ଚନ୍ଦ୍ର ନାଏକ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।



ପ୍ରଚାର ଅବସରରେ ପ୍ରାର୍ଥୀ ଓ ଅନ୍ୟମାନେ।

# ବିକାଶମୂଳକ କାର୍ଯ୍ୟ ଆଗେଇ ନେବାକୁ ସଂକଳ୍ପ

ବାହାନଗା, ୪।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ନିର୍ବାଚନୀ ପ୍ରଚାର ଜୋର ଧରିଛି। ପ୍ରାର୍ଥୀମାନେ ଘରକୁ ଘର ଯାଇ ପ୍ରଚାର କରୁଥିବା ବେଳେ ଏବେ ଡିଜିଟାଲ ପ୍ରଚାରକୁ ମୁଖ୍ୟ ମାଧ୍ୟମ କରିଛନ୍ତି । ସାଉଡୁ ପଞ୍ଚାୟତରେ ଶାସକ ଦଳର ସମର୍ଥନରେ ସରପଞ୍ଚ ପ୍ରାର୍ଥୀ ହୋଇଥିବା କମଳଲୋଚନ ପଣ୍ଡା ଏବେ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟକୁ ଆଗକୁ ନେବା ସହିତ ତାଙ୍କ ପତ୍ନୀଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସଂକଳ୍ପ ନେଇଛନ୍ତି ।

ଏହି ପଞ୍ଚାୟତ ୧୬ ୱାର୍ଡକୁ ନେଇ ଗଠିତ। ଏଥିରେ ୬୪୫୧ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଭୋଟର ୩୧୯୧, ପୁରୁଷ ଭୋଟର ୩୨୫୯ ଥିବା ବେଳେ ତୃତୀୟ ଲିଙ୍ଗ ଭାବେ ଜଣେ ଭୋଟର ଅଛନ୍ତି । ତେବେ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ୪ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମିତିସଭ୍ୟା ଭାବେ ୩ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନରେ ଶାସକ ଦଳର ସମର୍ଥନରେ ବର୍ତ୍ତମାନର ସରପଞ୍ଚଙ୍କ ସ୍ୱାମୀ କମଳଲୋଚନ ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । କମଳଲୋଚନ କିଛି ମାସ ତଳେ କଂଗ୍ରେସ ଛାଡି ବିଜେଡିରେ ମିଶିଥିଲେ। ତାଙ୍କର ଏହି ମିଶ୍ରଣ ପରେ ବିଜେଡି ସଙ୍ଗଠନ ସୁଦୃଢ଼ ହୋଇଥିଲା। ତେବେ ଦଳରେ ମିଶିବା ପରେ ସରପଞ୍ଚ ହୋଇଥିବାରୁ ପୁରୁଣା ବିଜେଡିର କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଧୀରେ ଧୀରେ ସେହି ଅସନ୍ତୁଷ କର୍ମୀମାନଙ୍କୁ ମନାଇବାରେ ସେ ସଫଳ ହୋଇ ନିଜ ସପକ୍ଷକୁ ଆଣୁଛନ୍ତି।



ସରପଞ୍ଚ ପ୍ରାର୍ଥୀ କମଳଲୋଚନ ପଣ୍ଡା ଭୋଟ ପାଇଁ ନିବେଦନ କରୁଛନ୍ତି।

**ଘରକୁ ଘର ବୁଲି ସରପଞ୍ଚ ପ୍ରାର୍ଥୀ କମଳଲୋଚନଙ୍କ ଭୋଟ ନିବେଦନ**

ବର୍ତ୍ତମାନ ସମିତିସଭ୍ୟଙ୍କ ସ୍ୱାମୀ ତଥା ଶାସକ ଦଳର ପୁରୁଣା ଦଳୀୟ ନେତାଙ୍କ ଦ୍ୱାରା ଦଳ ବିରୋଧୀ କାର୍ଯ୍ୟକୁ ଦଳର କର୍ମକର୍ତ୍ତାମାନେ ବିରୋଧ କରିବା ସହିତ ନିଜର ସ୍ୱାର୍ଥ ପାଇଁ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଉଥିବା ସରପଞ୍ଚ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପଣ୍ଡା ପ୍ରକାଶ କରିଥିଲେ । ତେବେ ପଞ୍ଚାୟତର ଦୁଇଦଳୀୟ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡୁଛି। ଶାସକ ଦଳ ପକ୍ଷରୁ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବିଷୟରେ ଲୋକମାନଙ୍କୁ ବୁଝାଉଥିବା ବେଳେ ବିରୋଧୀମାନେ ସରକାରଙ୍କ ଜନବିରୋଧୀ କାମ ଓ ବର୍ତ୍ତମାନର ସରପଞ୍ଚଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି ବିଷୟରେ ଲୋକମାନଙ୍କୁ ଅବଗତ କରାଇ ଭୋଟରମାନଙ୍କୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ କରଛନ୍ତି ।

